## ଗଡ଼ିଆରେ ପଡ଼ି ଶିଶୁ ମୃତ

ପାଟଣା, (ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଖସାପିଟା ସାହିରେ ଶୁକ୍ରବାର ରାତିରେ ଜଣେ ଦେଢ଼ ବର୍ଷର ଶିଶୁ ପୁତ୍ର ଗଡ଼ିଆରେ ପଡି ମୃତ୍ୟୁବରଣ କରିଛି। ମୃତକ ହେଲେ ତରଣୀ ମୁଣ୍ଡା। ସୂଚନା ଅନୁଯାୟୀ ରାମ ମୁଣ୍ଡା ଘର ପଛ ପାର୍ଶ୍ୱରେ ପରିବା ଚାଷ କରିବା ପାଇଁ ଛୋଟ ଗଡ଼ିଆଟିଏ ଖୋଳାଇ ଥିଲେ। ଘରେ କେହି ନଥିବା ବେଳେ ତାଙ୍କ ପୁଅ ତରଣୀ ଉକ୍ତ ଗାତରେ ଖସି ପଡ଼ିଥିଲା। ଶିଶୁକୁ ଖୋଜା ଖୋଜି କରିବା ପରେ ଉକ୍ତ ଗାତରେ ମୃତଦେହ ଭାସୁଥିବା ପରିବାର ଲୋକେ ଦେଖିବାକୁ ପାଇଛନ୍ତି।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ଆଜାଦି କା ଅମୃତ ମହୋତ୍ସବ। ସ୍ଥାନ: ରେଳ ଷ୍ଟେଶନ ପରିସର। ସମୟ: ଅପରାହ୍ନ ୫ଟା।
- ଆର୍ଯ୍ୟ ସେବା ସଂଘର ଉଦ୍‌ଘାଟନ ଉତ୍ସବ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ୩୨ତମ ବାର୍ଷିକ ମହୋତ୍ସବ। ସ୍ଥାନ: ରୂପ୍‌ସା ଥାନା ପିଣ୍ଡାବଣିଆ ଗୁରୁକୁଳ ଆଶ୍ରମ। ସମୟ: ପୂର୍ବାହ୍ନ ୧୦ଟା।

# ସରୁନି ୱାଲ୍ ପେଣ୍ଟିଂ

### ପଡି ରହିଛି ଲକ୍ଷାଧିକ ଟଙ୍କା



ବଡଖୁଆସ୍ଥିତ ପାର୍କ ପାଚେରିରେ ପେଣ୍ଟିଂ।

ବାଲେଶ୍ୱର ଅଫିସ, ୨।୪

କରୋନା ସମୟରେ ସରକାର ସହରାଞ୍ଚଳରେ ବସବାସ କରୁଥିବା ଚିତ୍ରଶିଳ୍ପୀ, କାରିଗର ଓ ମହିଳାଗୋଷ୍ଠୀମାନଙ୍କୁ ରୋଜଗାର ଯୋଗାଇଦେବା ପାଇଁ ନୂଆ ନୂଆ ଯୋଜନା ପ୍ରଣୟନ କରିଥିଲେ। ସେଗୁଡିକ ମଧ୍ୟରେ ସହରାଞ୍ଚଳ ଶ୍ରମଭିତ୍ତିକ କର୍ମନିଯୁକ୍ତି ଯୋଜନା ଅନ୍ୟତମ। ଏହାର ସଫଳ ରୂପାୟନ ପାଇଁ ସହରରେ ଆବର୍ଜନା, ୱେଜ୍ ଏମ୍ପ୍ଲୋୟମେଣ୍ଟ ଇନିସିଏଟିଭ୍ ସ୍କିମ୍ ଜରିଆରେ ସରକାରୀ କାନ୍ଥଗୁଡ଼ିକୁ ରଙ୍ଗ କରାଯାଇ ସୁନ୍ଦର ସୁନ୍ଦର ଚିତ୍ର ଅଙ୍କାଯାଉଛି। ଯାହାକୁ ଆଙ୍କି ଅନେକ ଚିତ୍ରଶିଳ୍ପୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ କାମ ପାଇବା ସହ ରୋଜଗାରକ୍ଷମ ହୋଇପାରିଛନ୍ତି। ବାଲେଶ୍ୱର ସହରରେ ଅନେକ ଜାଗାରେ ଏଷ୍ଟିମେଟ୍‌ଠାରୁ ବହୁତ କମ୍ ଟଙ୍କା ବ୍ୟବହାର କରାଯାଇଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟାଙ୍କ ଖାତାରେ ପଡ଼ି ରହିଛି। ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ପାଇଁ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ବାଲେଶ୍ୱର ପୌରାଞ୍ଚଳ ୨ନଂ. ୱାର୍ଡ଼ ବଡ଼ଖୁଆ ଗ୍ରାମର ବଳାଙ୍ଗୀ କଲେଜ ସମ୍ମୁଖ ପାର୍କ ପାଚେରିରେ ଉକ୍ତ ଯୋଜନାରେ ପେଣ୍ଟିଂ ହୋଇଛି। ଉକ୍ତ ପାଚେରିରେ ନାଗରିକ ସୂଚନାଫଳକ ମଧ ଲାଗିଛି। ୱାଲ୍‌ପେଣ୍ଟିଂ ପାଇଁ ପ୍ରକଳ୍ପ ମୂଲ୍ୟ ୧ଲକ୍ଷ ୯ହଜାର ୭ଶହ ଟଙ୍କା ହୋଇଥିବା ବେଳେ ନିତାଇ ଗୌର ସ୍ୱୟଂସହାୟକ ଗୋଷ୍ଠୀ କାର୍ଯ୍ୟନିର୍ବାହୀ ସଂସ୍ଥା ଭାବେ ପୌରାଞ୍ଚଳ ଅଫିସ୍‌ରୁ କାର୍ଯ୍ୟାଦେଶ ପାଇଛି। ନାଗରିକ ସୂଚନା ଫଳକରେ କାର୍ଯ୍ୟାରମ୍ଭ ତାରିଖ ଓ କାର୍ଯ୍ୟ ସମ୍ପୂର୍ଣ୍ଣ ତାରିଖ ଲେଖା ନ ଥିବା ବେଳେ କାନ୍ଥରେ ମାତ୍ର ୪ଟି ଚିତ୍ର ଦେଖିବାକୁ ମିଳୁଛି। ଉକ୍ତ ପ୍ରକଳ୍ପର ଆଂଶିକ ବିଲ୍ ମଧ ପୈଠ ହୋଇଛି। ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ନାଁ ଧରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡ଼କୁ ଏହି ପ୍ରକଳ୍ପରେ ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମିଳିଛି। କେତେକ ୱାର୍ଡ଼ରେ କାର୍ଯ୍ୟ ଶେଷ ହୋଇଥିବା ବେଳେ ଅଧିକାଂଶ ୱାର୍ଡ଼ରେ ଏଭଳି ଅଧାପନ୍ତରିଆ ଅବସ୍ଥା ଦେଖିବାକୁ ମିଳିଛି।

ଏନେଇ ପୌରାଞ୍ଚଳର କମ୍ୟୁନିଟି ଅର୍ଗାନାଇଜେର ସାବିତ୍ରୀ ମିଶ୍ର କହିଛନ୍ତି, ସହରାଞ୍ଚଳ ଶ୍ରମଭିତ୍ତିକ କର୍ମନିଯୁକ୍ତି ଯୋଜନାରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଦିଆଯାଇଛି। କେତେକ ଶେଷ କରିଦେଇଥିବା ବେଳେ ଅଧିକାଂଶ ସମ୍ପୂର୍ଣ୍ଣ କରିବା ପାଇଁ ସମୟ ଲଗାଉଛନ୍ତି। ଏନେଇ ବିଭାଗ ତରଫରୁ ବାରମ୍ବାର ତାଗିଦ୍ କରାଯାଉଛି। ଯେଉଁ ଗୋଷ୍ଠୀ ଯେତିକି ୱାଲ୍‌ପେଣ୍ଟିଂ କରୁଛି ସେହି ଅନୁସାରେ ବିଲ୍ ପୈଠ କରାଯାଉଛି। ବାକି ଥିବା କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରାଯିବାର ପ୍ରକାଶ କରିଛନ୍ତି।

## ଜିଲାସ୍ତରୀୟ ସନାତନ ଧର୍ମ ସମ୍ମିଳନୀ



ସନାତନ ଧର୍ମ ସମ୍ମିଳନୀରେ ଉପସ୍ଥିତ ସାଧୁସନ୍ଥ।

ରୂପ୍‌ସା, ୨।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ବାଖରାବାଦ ଶାନ୍ତି ଆନନ୍ଦ ଆଶ୍ରମରେ ୩ଦିନ ବ୍ୟାପୀ ଅନୁଷ୍ଠିତ ଜଗତ୍‌ଗୁରୁ ଅଭିରାମ ପରମହଂସ ଦେବଙ୍କ ଜିଲାସ୍ତରୀୟ ସନାତନ ଧର୍ମ ସମ୍ମିଳନୀ ଓ ବିଶ୍ୱ ଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସାଧୁ ଦେବାନନ୍ଦ ଦାସ ଆଧ୍ୟାତ୍ମିକ ସଭାରେ ପୌରୋହିତ୍ୟ କରିଥିଲେ। ପୁରୀରୁ ପ୍ରବଚକ ଅଚ୍ୟୁତାନନ୍ଦ ଦାସ ମହାରାଜ, କୁରୁଠିଆ ମଠରୁ ରାଇଚରଣ ଦାସ ମହାରାଜ, କରମଳା ଶାନ୍ତି ଆନନ୍ଦାଶ୍ରମରୁ ବାବାଜୀ ବନବିହାରୀ ଦାସ, ଧର୍ମାନନ୍ଦ ଦାସ ଓ ରାଧାରମଣ ଦାସ ମହାରାଜ ପ୍ରମୁଖ ଯୋଗଦେଇ ନିଜର ପୁଣ୍ୟ କର୍ମ ହିଁ ପ୍ରକୃତଧର୍ମ ଏବଂ ସାଧୁସନ୍ଥ, ସତ୍‌ସଂଗ ଦ୍ୱାରା ମୋକ୍ଷପ୍ରାପ୍ତି ହୋଇଥାଏ ବୋଲି ସମ୍ମିଳନୀ ମତବ୍ୟକ୍ତ କରିଥିଲେ। ଆଶ୍ରମ ପରିଚାଳକ ବାବାଜୀ ଗୁରୁଚରଣ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଭଜନକୀର୍ତ୍ତନ, ୧୦୮ କଳସ ଶୋଭାଯାତ୍ରା ଶ୍ରୀ ସତ୍ୟନାରାୟଣ ପାଲା ଓ ବିଶ୍ୱଶାନ୍ତି ନାମଯଜ୍ଞ, ମହାଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ରୂପ୍‌ସା, ବାଖରାବାଦ, ଓଡ଼ିଆଶାସନ, ପଶ୍ଚିମସିମୁଳିଆ ଆଞ୍ଚଳିକ ଗୋଷ୍ଠୀର କର୍ମକର୍ତ୍ତା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବୃହତ ଇସ୍ପାତ କାରଖାନା ପାଇଁ ୫ରେ କେନ୍ଦୁଝର ଚାଲ

କେନ୍ଦୁଝର, ୨।୪( ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ଜିଲାରେ ଭିତିଭୂମି ଥାଇ ସବୁବେଳେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଅବହେଳା କରାଯାଉଛି। ଜିଲାରୁ ଖଣିଜପଥର ନେଇ ଅନ୍ୟ ଜିଲା ଓ ରାଜ୍ୟରେ ଇସ୍ପାତ କାରଖାନା ଚାଲିଥିବା ବେଳେ ଏହି ଜିଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ଅବହେଳା ପ୍ରତିବାଦରେ ପ୍ରେସ ଫୋରମ ଆହ୍ୱାନରେ ଆରମ୍ଭ ହୋଇ ଆନ୍ଦୋଳନ ପ୍ରସ୍ତୁତି କରାଯାଇଛି। ଏନେଇ ଆସନ୍ତା ୫ ତାରିଖରେ କେନ୍ଦୁଝର ଚାଲ ଡାକରା ଦିଆଯାଇଥିବା ବେଳେ ଏଥିରେ ବିଭିନ୍ନ ଦଳ, ସଂଗଠନ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇ ହକ ପାଇଁ ଲଢ଼େଇର ଶୁଭାରମ୍ଭ କରିବେ ବୋଲି ଜଣାପଡିଛି। ଏଣୁ ଏଥିପାଇଁ ବୁଧବାର ସ୍ଥାନୀୟ କାଳୀପଡିଆ ଠାରେ ପ୍ରେସ ଫୋରମର ଏକ ପ୍ରସ୍ତୁତି ବୈଠକ ସତ୍ୟ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ସ୍ଥାନରୁ ଆସିଥିବା ଖବରଦାତା ମାନେ ସେମାନଙ୍କ ମତ ରଖିଥିଲେ । ଶାନ୍ତିଶୃଙ୍ଖଳାର ସହ ଜିଲାର ହକ ପାଇଁ ଲଢ଼େଇ ଜାରି ରଖିବା ପାଇଁ ନିଷ୍ପତ୍ତି ହୋଇଥିଲା । ପ୍ରଥମ ଥର ପାଇଁ ପ୍ରେସ ଫୋରମ ପକ୍ଷରୁ ଏଭଳି ଉଦ୍ୟମକୁ ସମସ୍ତେ ସହଯୋଗ କରିବାପାଇଁ ଆହ୍ୱାନ ଦିଆଯାଇଥିଲା । ଆସନ୍ତା ୫ ତାରିଖରେ କାଳିପଡିଆରୁ ଏକ ବିଶାଳ ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ସହର ପରିକ୍ରମା କରିବା ସହ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

## ଉତ୍କଳ ଜନନୀ ପୂଜନ ଉତ୍ସବ

ରସାଲପୁର, ୨।୪(ଡି.ଏନ.ଏ.)

ରସାଲପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉତ୍କଳ ଦିବସ ଅବସରରେ ଉତ୍କଳ ଜନନୀ ପୂଜନୋତ୍ସବ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ପାଳିତ ହୋଇଯାଇଛି। ଉତ୍ସବରେ ସମ୍ପାଦକ ଶମ୍ଭୁନାଥ ଯାଦବଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସମାଜସେବୀ ଡା. ରମାକାନ୍ତ ପଣ୍ଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ସାମ୍ପ୍ରଦିକ ସମୟରେ ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଉଥିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଚିକିତ୍ସାବିତ୍ ଡା. ସତ୍ୟନାରାୟଣ ମହାପାତ୍ର ଉତ୍କଳ ଦିବସର ଆଭିମୁଖ୍ୟ ସମ୍ପର୍କରେ ବହୁ ଗବେଷଣାତ୍ମକ ତଥ୍ୟମାନେ ଉପସ୍ଥାପନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିକର୍ତ୍ତନ ନାୟକ ବକ୍ତବ୍ୟ ଦେଇଥିଲେ। ଅନୁଷ୍ଠାନ ମୁଖ୍ୟ ଉପଦେଷ୍ଟା ତଥା ସମାଜସେବୀ ଶିବାଜୀ ଯୋଗଦେଇ ସମବେତ ଅଭିଭାବକ ଓ ଗୁରୁଜୀଗୁରୁମା'ଙ୍କୁ ସଂସ୍କାରଯୁକ୍ତ ସମାଜ ଗଠନରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ପରିଚାଳନାରେ ଅଭିଭାବକ ଓ ଗୁରୁମାଗୁରୁଜୀ ସହଯୋଗ କରିଥିଲେ।



ରସାଲପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉତ୍କଳ ଜନନୀ ପୂଜନ ଉତ୍ସବରେ ଉପସ୍ଥିତ ଅତିଥି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଗିରଫ

ରାଇରଙ୍ଗପୁର,୨।୪(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ବିଜାତଳା ବ୍ଲକ ସରଗଡ଼ାସ୍ଥିତ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇବା ଘଟଣାରେ ପୋଲିସ ସରଗଡ଼ା ଗ୍ରାମର ଜୟରାମ ମାରାଣ୍ଡିଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଗୋବିନ୍ଦ ସୋରେନଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ. ୪୯/୨୧) ରୁଜୁ ହୋଇଛି। ଗୁରୁବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଜୟରାମ କୋଭିଡ୍ ଟିକା ନେବାକୁ ଆସିଥିଲେ। ଟିକା ଦେବାରେ ବିଳମ୍ବ ହେବାରୁ ସେ ରାଗିଯାଇ ତାଙ୍କ ପୈତୃକ ଜାଗାରେ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇଥିବା କହି ତାଲା ପକାଇ ଦେଇଥିଲେ। ଜୟରାମଙ୍କ ପୈତୃକ ଜାଗାକୁ ତାଙ୍କ ବାପା ସ୍ୱାସ୍ଥ୍ୟକେନ୍ଦ୍ର ଲାଗି ଦାନ କରିଥିବା ଜଣାପଡ଼ିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

## ସଂସ୍କୃତ ଭାଷା ସୁରକ୍ଷା ଉପରେ ଗୁରୁତ୍ୱ

ରାଇବଣିଆ, ୨।୪



ସମ୍ମିଳନୀରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲଟିର ଦିଗମ୍ବରୀ ଦେବୀ ଆଇଟିଆଇ କଲେଜ ପରିସରରେ ସଂସ୍କୃତ ଭାଷାକୁ ବଞ୍ଚାଇ ରଖିବା ଲାଗି ଜଳେଶ୍ୱର ସଂସ୍କୃତ ସଂଗୋଷ୍ଠୀ ପକ୍ଷରୁ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଗୀଶ୍ୱରୀ ସଂସ୍କୃତ କଲେଜ ଅଧକ୍ଷ ଡ. ବିବେକାନନ୍ଦ ସାହୁ ସଭାପତିତ୍ୱ କରି କହିଥିଲେ, ଭାରତର ସର୍ବପୁରାତନ ଦେବଭାଷା ଭାବେ ପରିଚିତ ସଂସ୍କୃତ ଭାଷାକୁ ଅଣଦେଖା କରାଯାଇ ଯୋଜନାବଦ୍ଧ ଭାବେ ବନ୍ଦ କରିବାର ପ୍ରୟାସ ଆରମ୍ଭ ହୋଇଛି । ହାଇସ୍କୁଲରେ ତୃତୀୟଭାଷା ଭାବରେ ଏହା ରହିଥିବା ବେଳେ ଏବେ ଏହାକୁ ହିନ୍ଦୀ କିମ୍ବା ଧନ୍ଦାମୂଳକ ଶିକ୍ଷାର ବିକଳ୍ପ ଭାବେ ପରିଗଣିତ କରାଯାଉଛି। ରାଜ୍ୟରେ ଥିବା ସଂସ୍କୃତ କଲେଜ ଓ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଅବସର ଗ୍ରହଣ ପରେ ପୁନଃ ନିଯୁକ୍ତି ନ ଦେବା ଏବଂ ଭିତ୍ତିଭୂମି ଯୋଗାଇ ନ ଦେଇ ସେଗୁଡିକୁ ଦୁର୍ବଳ କରିବା ଫଳରେ ରାଜ୍ୟରେ ଥିବା ୧୯୨ଟି ସଂସ୍କୃତ ଟୋଲକୁ ବନ୍ଦ କରାଯିବାର ଏକ ଚକ୍ରାନ୍ତ ବୋଲି କହିଥିଲେ। ସଂସ୍କୃତ ଭାଷାକୁ ସୁରକ୍ଷା ଦେବା ଲାଗି ବିଭିନ୍ନ ସଂଗୋଷ୍ଠୀ, ସଙ୍ଗଠନ, ସମିତି, ପ୍ରତିଷ୍ଠାନ, ସଂଘ, ମଣ୍ଡଳ, ପତ୍ରପତ୍ରିକା, ଅଧ୍ୟାପକ, କର୍ମଚାରୀ, ଛାତ୍ର ସମୂହ, ପଣ୍ଡିତ ପ୍ରମୁଖ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ଉଚିତ୍ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତ ସଂଘର ସଭାପତି ରବି ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଗିରିଶ କୁମାର ପାଣିଗ୍ରାହୀ, ସଂଜୟ ଦାଶ, ଲଛମନ ପାଣିଗ୍ରାହୀ, ନରେନ୍ଦ୍ର ନାଥ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ କେଶବ ଚନ୍ଦ୍ର ମହାପାତ୍ର, ଚାଲନ୍ତିସ୍ଥିତ ସ୍ୱାମୀ ନିଗମାନନ୍ଦ ହାଇସ୍କୁଲ ଶିକ୍ଷକ ଜନାର୍ଦ୍ଦନ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଦୁର୍ଘଟଣାରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମୃତ୍ୟୁ

ଆନନ୍ଦପୁର,୨।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁରର ଶାଳପଡା ୨୦ ନଂ ଜାତୀୟ ରାଜପଥର ଓଭର ବ୍ରିଜ ଠାରେ ସଡ଼କ ଦୁର୍ଘଟଣା ଘଟି ଶୁକ୍ରବାର ସକାଳେ ଜଣେ ଅବସରପ୍ରାପ୍ତ ସେନା କର୍ମଚରୀଙ୍କ ମୃତ୍ୟୁ ଘଟିଛି। ଆନନ୍ଦପୁର ପୌରପରିଷଦ ଫକୀରପୁର ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚରୀ ବିନୋଦ ସାହାଣୀ(୬୧) ୧୨ ନଂ ୱାର୍ଡ ଶାଳପଡା ମିଶ୍ର କଲୋନୀରେ ନିଜସ୍ୱ ଘର କରି ରହିଆସୁଥିଲେ। ସେ ସକାଳ ପ୍ରାୟ ୬ ଟା ସମୟରେ ପ୍ରାତଃ ଭ୍ରମଣରେ ଯିବା ସମୟରେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ଘସିପୁରା ଥାନା ଅଧିକାରୀ ମନୋରଞ୍ଜନ ବିଶି ସଦଳବଳ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଶାଳପଡାର ଓଭର ବ୍ରିଜ ଅଂଚଳରେ ଜାତୀୟ ରାଜପଥ ଏକ ପାଖିଆ କାର୍ଯ୍ୟ ସରିଥିବାବେଳେ ଦ୍ୱିତୀୟପାର୍ଶ୍ୱ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡିରହିଛି। ଫଳରେ ପ୍ରାୟ ସମୟରେ ସମ୍ପୃକ୍ତ ଅଞ୍ଚଳରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। କିଛି ଦିନ ପୂର୍ବେ ସମ୍ପୃକ୍ତ ଅଞ୍ଚଳରେ ଏକ ଲୁହାପଥର ବୋଝେଇ ଭାରିଯାନ ଖସିପଡି ସର୍ଭିସ ରୋଡରେ ଯାଉଥିବା ଯାତ୍ରୀବାହୀ ବସ ସହିତ ଧକ୍କା ହୋଇଥିଲା। ଏହିଭଳି ବାରମ୍ବାର ଉକ୍ତ ଅଧପନ୍ତରିଆ ଜାତୀୟ ରାଜପଥ ଅଞ୍ଚଳଟି ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ପରିଣତ ହୋଇଥିବାରୁ ଲୋକମାନଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି।

## ୧୭ ଦିନ ବିତିଲା, ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

### ଯୁବକଙ୍କୁ ପିଟି ହତ୍ୟା ଘଟଣା

ଭଦ୍ରକ ଅଫିସ, ୨।୪

ପୂର୍ବଶତ୍ରୁତା ଓ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଅର୍ଣ୍ଣପାଳ ପଞ୍ଚାୟତ ରାଜମୁକୁନ୍ଦପୁର ଗାଁ ରାଜୁଆଳିବିନ୍ଧା ବେହେରା ସାହିରେ ଗତ ମାସ ୧୭ ତାରିଖରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ସଞ୍ଜିତ ବେହେରା ନାମକ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା। ମୃତ ସଞ୍ଜିତଙ୍କ ଭାଇ ରଞ୍ଜିତଙ୍କ ଏତଲା କ୍ରମେ ସୁଧୀର ବେହେରା ସମେତ ୧୩ ଜଣଙ୍କ ନାଁରେ ହତ୍ୟା ମାମଲା ରୁଜୁ ହୋଇଛି। ଏହାମଧ୍ୟରେ ଘଟଣାକୁ ୧୭ ଦିନ ବିତିଯାଇଥିଲେ ମଧ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସୁଧୀରଙ୍କୁ ବାଦ୍ ଦେଇ ଅନ୍ୟ କୌଣସି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ନ ଥିବା ଅଭିଯୋଗ ହେଉଛି। ହତ୍ୟାକାରୀମାନେ ଗାଁରେ ବୁଲାବୁଲି କରୁଥିଲେ ମଧ ପୋଲିସ ରାଜନୈତିକ ଚାପରେ କାହାରିକୁ ଗିରଫ କରୁ ନ ଥିବା ଅଭିଯୋଗ ଉଠିଛି। ଏ ନେଇ ଥାନାଧିକାରୀ ଆଲୋକ ଜେନା କହିଛନ୍ତି, ଅଭିଯୁକ୍ତମାନେ ଗାଁ ଛାଡ଼ି ଅନ୍ୟତ୍ର ରହୁଛନ୍ତି। ଏଣୁ ସେମାନଙ୍କୁ ଗିରଫ କରିବାରେ ସମସ୍ୟା ହେଉଛି। ତଥାପି ସ୍ୱତନ୍ତ୍ର ଟିମ୍ ଦ୍ୱାରା ସେମାନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି।

## ଜଳିଗଲା ୧୪ ବଖରା

ସୋର, ୨।୪(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବ୍ଲକ ଅଧୀନ ନଦିଗାଁ ବ୍ରାହ୍ମଣ ଶାସନରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୧୪ ବଖରା ଚାଳ ଘର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବା ବେଳେ ୧୦ଲକ୍ଷ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ସୋର ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ସୋର ୨ଟି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପୂର୍ବରୁ ସବୁ ଘର ଜଳିଯାଇଥିଲା। ଏହି ଶାସନ ଗ୍ରାମର ବସନ୍ତ କୁମାର ମିଶ୍ର, ସୁଶାନ୍ତ କୁମାର ମିଶ୍ର, ହେମନ୍ତ ମିଶ୍ର, ପ୍ରଶାନ୍ତ ମିଶ୍ର, ଲମ୍ବୋଦର ପଣ୍ଡା, ରମାକାନ୍ତ ମିଶ୍ର, ଅଭୟ କୁମାର ମିଶ୍ର, ପ୍ରତିଭା ସାମଲ ଓ ଅଭୟା ମିଶ୍ରଙ୍କର ସମୁଦାୟ ୧୪ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ଘରୋଇ ସାମଗ୍ରୀ, ଆସବାବପତ୍ର, ସୁନାଗହଣା, ଧାନଚାଉଳ ଓ ନଗଦ ୫୦ହଜାର ଟଙ୍କା ପୋଡ଼ିଯାଇଛି। ଖବର ପାଇ କୁଡେଇ ରାଜସ୍ୱ ନିରୀକ୍ଷକ ଜୟନ୍ତ କୁମାର ସେଠୀ ଅଗ୍ନିବିପନ୍ନ ପରିବାରକୁ ଭେଟି କ୍ଷୟକ୍ଷତି ଆକଳନ କରିଛନ୍ତି।

## ୧୦ବର୍ଷ ଶିଶୁର ସଫଳ ଚକ୍ଷୁ ଅସ୍ତ୍ରୋପଚାର

ବାଲେଶ୍ୱର ଅଫିସ, ୨।୪: ବାଲେଶ୍ୱର ଏଡ଼ିଏମ୍ ଛକସ୍ଥିତ ରୋଟାରୀ ଚକ୍ଷୁ ଚିକିତ୍ସାଳୟରେ ପ୍ରଥମଥର ପାଇଁ ଏକ ୧୦ବର୍ଷ ଶିଶୁର ସଫଳ ଅସ୍ତ୍ରୋପଚାର କରାଯାଇଛି। ଏହି ଅସ୍ତ୍ରୋପଚାର ଡା. ସମବେଶ ସ୍ୱାଇଁଙ୍କ ଦ୍ୱାରା କରାଯାଇଛି।

ସହରସ୍ଥିତ ମେଣ୍ଢାଶୁଳ ଅଞ୍ଚଳର ଚନ୍ଦନ ମୁର୍ମୁ (୧୦) ଖେଳିବା ବେଳେ ଆଖିରେ ମାଡ଼ ହୋଇ ଆଜକୁ ୭ମାସ ହେଲା ଦେଖିପାରୁ ନଥିଲା। ପ୍ରଥମେ ରୋଟାରୀ ଚକ୍ଷୁ ଚିକିତ୍ସାଳୟର କର୍ମକର୍ତ୍ତାଙ୍କ ନଜରରେ ଆସିବାରୁ ସେମାନେ ଡାକ୍ତରଙ୍କ ସହିତ ବହୁ ବିଚାର ବିମର୍ଷ କରି ଉକ୍ତ ପିଲାଟିର ଅସ୍ତ୍ରୋପଚାର କରିବା ପାଇଁ ସିଦ୍ଧାନ୍ତ ନେଇଥିଲେ। ଶେଷରେ ଏହା ସଫଳ ହୋଇଛି। ଏହି ଅସ୍ତ୍ରୋପଚାର ପାଇଁ ପିଲାଟିର ବାପା ଡା. ସ୍ୱାଇଁ, କ୍ଲବର ପୂର୍ବତନ ଅଧ୍ୟକ୍ଷ ମାତୃଦତ୍ତ ଦାସ, ସଦସ୍ୟ ସୁଖମୟୀ ଦାସ, ବିଶ୍ୱଦୀପ ପଣ୍ଡା, ଉପଦେଷ୍ଟା ସୁବ୍ରତ କର, ପରେଶ ଗାଆଁଣ, ଭି. ଉଦୟ କୁମାରଙ୍କୁ ଧନ୍ୟବାଦ ଦେଇଛନ୍ତି।



ଅସ୍ତ୍ରୋପଚାର ପରେ ନାବାଳକ।

## ନବବଧୂଙ୍କୁ ହତ୍ୟା ଅଭିଯୋଗ

ଖୁଣ୍ଟା/କୁଆମରା, ୨।୪ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଗଡିଗାଁ ପଞ୍ଚାୟତ ଦେଉଳା ଗ୍ରାମରେ ମାଳତୀ ବେଶ୍ରା ନାମ୍ନୀ ଜଣେ ନବବଧୂଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମୃତା ମାଳତୀଙ୍କ ବାପା ବେତନଟି ଥାନା ଅଧୀନ ଶୁଖିଲାହାଟ ଗ୍ରାମର ନବଘନ କିସ୍କୁ ଏ ନେଇ ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗତ ଜାନୁୟାରୀରେ ମାଳତୀଙ୍କର ଦେଉଳା ଗ୍ରାମର ବୁଧୁରାମ ବେଶ୍ରାଙ୍କ ସହ ବିବାହ ହୋଇଥିଲା। ଗୁରୁବାର ଅପରାହ୍ନରେ ମାଳତୀ ଏକ କୋଠରୀରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ବୁଧୁରାମ ଖୁଣ୍ଟା ଥାନା ସହ ମାଳତୀଙ୍କ ବାପଘରକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ଫେରିଛି। ତାଙ୍କ ଝିଅକୁ ଯୌତୁକ ପାଇଁ ନିର୍ଯାତନା ଦିଆଯିବା ସହ ହତ୍ୟା କରାଯାଇ ଆତ୍ମହତ୍ୟା ରୂପ ଦିଆଯାଇଥିବା ନବଘନ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ.୧୦୬/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବୁଧୁରାମଙ୍କୁ ଅଟକ ରଖି ତଦନ୍ତ କରାଯାଉଥିବା ତଦନ୍ତ ଅଧିକାରୀ ସୌମ୍ୟ ରଞ୍ଜନ ଭୋଳ ସୂଚନା ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ

ଖଇରା, ୨।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି । ଖଇରା ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ବୀଣାପାଣି ସଙ୍ଗୀତ ଶିକ୍ଷାକେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶରତକୁମାର ବିଶ୍ୱାଳ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ଶତପଥୀ, ଅନ୍ତର୍ଯ୍ୟାମୀ ପାତ୍ର, ବିଷ୍ଣୁମୋହନ ଶତପଥୀ, ଭୀମଚନ୍ଦ୍ର ରାମ, ଗଗନ ବିହାରୀ ପଣ୍ଡା, ଅନାମ ଚରଣ ପଣ୍ଡା, କୃଷ୍ଣଚନ୍ଦ୍ର ପତ୍ରୀ, ନାରାୟଣ ପେଡା, ଜଗତାନନ୍ଦ ମହାପାତ୍ର, ଗୋବିନ୍ଦବଲ୍ଲଭ ଜେନା, ରତ୍ନାକର ସେଣ୍ଠ ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ବରପୁତ୍ରଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ବୁଦ୍ଧିରାମ ପାଣିଗ୍ରାହୀ ବନ୍ଦେ ଉତ୍କଳ ଜନନୀ ଗାନ ଓ ଚିନ୍ତାମଣି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ବୁଢାଗଡିଆଠାରେ ସୁଦାମ ଚରଣ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଓଡ଼ିଶା ଦିବସ ସମାରୋହରେ ଅଧାପକ ପୂର୍ଣ୍ଣଚନ୍ଦ୍ର ନାୟକ ଓ ମୁନା ତ୍ରିପାଠୀ, ବରିଷ୍ଠ ଖବରଦାତା ରାମଚନ୍ଦ୍ର ଦାସ, ଦୀପକ କୁମାର ଦଳେଇ ଅତିଥି ଭାବେ ଯୋଗ ଦେଇଥିଲେ। ଆଦିକନ୍ଦ ଭୂୟାଁ, ଚିତ୍ତରଞ୍ଜନ ଭୂୟାଁ, ନିରଞ୍ଜନ ଦାସଙ୍କ ସହଯୋଗରେ ୫୦ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବୁଢାଗଡିଆଠାରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଅବସରକାଳୀନ ସମ୍ବର୍ଦ୍ଧନା

ସୋର, ୨।୪(ଡି.ଏନ୍.ଏ.): ସୋର ବ୍ଲକ ଅଧୀନ ରଘୁନାଥପୁର ଶାସନସ୍ଥିତ କୃଷ୍ଣଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନିରୁଦ୍ଧ ପାଢ଼ୀଙ୍କୁ ମାନପତ୍ର ସହ ଉପଢ଼ୌକନ ଦିଆଯାଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରଜନୀମଣୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଯୁଗ୍ମ ସମ୍ପାଦକ ମହେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ଗୋପୀନାଥ ରାଉତ, ବରେଣ୍ୟ ଅତିଥି ଭାବେ ସିଆରସିସି କିଶୋର ଚନ୍ଦ୍ର ପଣ୍ଡା, ପଦ୍ମଲୋଚନ ପରିଡା, ନାରାୟଣ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରୁଥିବା ଅନିରୁଦ୍ଧ ପାଢ଼ୀଙ୍କ ଛାତ୍ରବତ୍ସଳତା ଓ କର୍ତ୍ତବ୍ୟପରାୟଣତା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇରହିବ ବୋଲି କହିଥିଲେ।

## ଡାବରଚୁଆରେ ପିଇବା ପାଣି ସମସ୍ୟା

### ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ପାଟଣା,୨।୪(ସ୍ୱ.ପ୍ର.)

ଗ୍ରୀଷ୍ମପ୍ରବାହ ଆରମ୍ଭ ହେଉ ହେଉ କେନ୍ଦୁଝର ଜିଲା ପାଟଣା ବ୍ଲକ କ୍ଷୀରେଇଟାଙ୍ଗିରି ପଞ୍ଚାୟତ ଡାବରଚୁଆ ଗାଁର ଉପରସାହି ଓ ପାତ୍ରସାହିରେ ପାନୀୟଜଳ ସମସ୍ୟା ଉତ୍କଟ ରୂପ ନେଲାଣି। ପାଣି ଗରାଏ ପାଇଁ ମହିଳାମାଙ୍କୁ ରାତି ଅଧରୁ ଉଠି ନଳକୂଅ ପାଖରେ ଧାଡ଼ି ଲଗାଇବାକୁ ପଡୁଛି। ବେଳେବେଳେ ପାଣି ପାଇଁ ମହିଳା ମାନଙ୍କ ମଧ୍ୟରେ ନିଜ ନିଜ ମଧ୍ୟରେ ଟଣାଓଟରା ସହ ଝଗଡା ହେଉଥିବା ଦେଖିବାକୁ ମିଳୁଛି। କ୍ଷୀରେଇ ଟାଙ୍ଗିରି ଅଞ୍ଚଳରେ ଭୂତଳ ଜଳସ୍ତର ଭଲ ନଥିବାରୁ ଜାନୁୟାରୀ ମାସ ଆରମ୍ଭରୁ ଜଳ କଷ୍ଟ ଦେଖାଦେଇଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଉକ୍ତ ୨ ସାହିରେ ୬୦ ପରିବାର ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏମାନେ ଗୋଟିଏ ମାତ୍ର ନଳକୂଅ ଉପରେ ନିର୍ଭର କରୁଥିବା ବେଳେ ନଳକୂଅରୁ ଆବଶ୍ୟକ ଅନୁଯାୟୀ ପାଣି ବାହରୁନାହିଁ। ଗାଁ ଠାରୁ ମାତ୍ର ୩ କି.ମି. ଦୂରରେ ନୂତନ ଭାବେ ବସୁଧା ଯୋଜନା ରେ ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଥିଲେ ହେଁ ଲୋକଙ୍କୁ ଏଥିରୁ ସୁଫଳ ମିଳିପାରୁନାହିଁ। ଏନେଇ ଲୋକେ ବାରମ୍ବାର ଜିଲାପାଳଙ୍କୁ ଅବଗତ କରିଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ। ଲୋକଙ୍କ ପାଖରେ ପାନୀୟ ଜଳ ପାଇପ ପହଞ୍ଚି ପାରିନାହିଁ। ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ନ ଦେଲେ ମହିଳା ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ଜଳ ପରିମଳ ଯନ୍ତ୍ରୀ ସୁବୋଧ କୁମାର ମଣ୍ଡଳଙ୍କୁ ପଚାରିବାରୁ ଉକ୍ତ ଅଞ୍ଚଳ ଡ୍ରାୟ ଏରିଆ ହୋଇଥିବାରୁ ନଳକୂପ ଗୁଡ଼ିକରୁ ଯଥେଷ୍ଟ ପାଣି ବାହାରୁ ନାହିଁ।ଏଣୁ ବୈତରଣୀ ନଦୀରୁ ପାଣି ଉଠାଯାଇ ଏକ ମେଗା ପାନୀୟ ଜଳ ପ୍ରକଳ୍ପର ଆରମ୍ଭ ହୋଇଛି। ୪୯ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତିକରଣ ଚାଲିଥିବାରୁ ଉକ୍ତ ଗ୍ରାମକୁ ପାଇପ ପକାଇବାରେ ବିଳମ୍ବ ହେଉଛି। ଖୁବ ଶୀଘ୍ର ଉକ୍ତ ଗାଁ କୁ ପାଣି ଯୋଗାଇ ଦେବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏନେଇ ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚ ବନୋଜ ନାୟକଙ୍କୁ ପଚାରିବାରୁ ଆଉ ୨ ସପ୍ତାହ ପରେ ପଞ୍ଚାୟତ ତରଫରୁ ଟ୍ୟାଙ୍କରରେ ପିଇବା ପାଣି ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି।

## ରୋଷେଇ ବେଳେ ଗ୍ୟାସ୍ ଟାଙ୍କି ଫାଟିଲା

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ଗ୍ରାମର ବଡ଼ଦାଣ୍ଡ ସାହିରେ ଗୁରୁବାର ରାତି ୮ଟାରେ ପ୍ରଭାତଙ୍କ ସ୍ତ୍ରୀ ଚିନ୍ମୟୀ ରୋଷେଇ କରୁଥିବା ସମୟରେ ହଠାତ ଗ୍ୟାସ ଟାଙ୍କି ଫାଟି ଯାଇଥିଲା ଫଳରେ ଗ୍ୟାସ ଟାଙ୍କିରେ ନିଆଁ ଲାଗିଯାଇଥିଲା। ତେବେ ଗ୍ରାମର କେତେକ ଯୁବକଙ୍କ ଉପସ୍ଥିତି ବୁଦ୍ଧି ଯୋଗୁ ଏକ ବଡ଼ ଧରଣର ଦୁର୍ଘଟଣାରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଟାଙ୍କିଟି ଫାଟିବାରୁ ହୁ ହୁ ହୋଇ ଜଳୁଥିବା ସମୟରେ ଯୁବ ଖବରଦାତା ଅଞ୍ଜନ ରଣା, ସଦାନନ୍ଦ ପାଣି ଗ୍ରାହୀ, ବସନ୍ତ ମିଶ୍ର, ଧୀରେନ ଚକ୍ର ରୋଷେଇ ଘରୁ ଗ୍ୟାସ ଟାଙ୍କିକୁ ବାହାରକୁ ଆଣି ପାଣି ଦ୍ୱାରା ନିଆଁକୁ ଲିଭାଇଥିଲେ।



**ସଂକ୍ଷେପରେ**

### ଜିଲାପାଳଙ୍କ ବାଙ୍ଗିରିପୋଷି ଗସ୍ତ

ବାଙ୍ଗିରିପୋଷି,୨।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଶୁକ୍ରବାର ବାଙ୍ଗିରିପୋଷି ବ୍ଲକ ଗସ୍ତ କରିଥିଲେ। ଏହି ପରିପେକ୍ଷୀରେ ଦ୍ୱାରଶୁଣି ସରକାରୀ ବାଳିକା ବିଦ୍ୟାଳୟରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ସ୍କୁଲ ପାଇଁ ଏସଏମସି ମିଟିଂ ଜିଲାପାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାଏକ, ବାଙ୍ଗିରିପୋଷି ବ୍ଲକ ଶିକ୍ଷାଧିକାରୀ ଗୌତମ କୁମାର ପାତ୍ର ଏବଂ ଉଭୟ ବାଙ୍ଗିରିପୋଷି ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଦ୍ୱାରଶୁଣି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଏସଏମସିର ସଦସ୍ୟମାନେ ଯୋଗଦେଇଥିଲେ। ପରେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନରେ ଯାଇଥିଲେ। ତାଙ୍କ ସହ ମୟୂରଭଞ୍ଜ ସ୍ୱାସ୍ଥ୍ୟ ଅଧିକାରୀ ରୂପଭାନୁ ମିଶ୍ର, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ସୁନେନ୍ଦା ମିଶ୍ର ସହ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ଆୟୁଷ ଡାକ୍ତର ଡ. ସମ୍ବିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିରେ ସାମିଲ ହେଲେ ଯୁବନେତା

ବାସୁଦେବପୁର,୨।୪(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଢୁଆଁ ପଞ୍ଚାୟତର ଯୁବନେତା ବୁଧିରାମ ବାରିକ ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି। ବାସୁଦେବପୁର ବିଜେଡି କାର୍ଯ୍ୟାଳୟରେ ବ୍ଲକ ବିଜେଡି ସଭାପତି ତଥା ପଢୁଆଁ ସରପଞ୍ଚ ଦୀନବନ୍ଧୁ ଦାସ, ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାଶଙ୍କ ଉପସ୍ଥିତିରେ ତାଙ୍କୁ ଦଳରେ ସାମିଲ କରାଯାଇଥିଲା। ଯୁବନେତା ସମ୍ବିତ ମହାନ୍ତି, କାଳନ୍ଦୀ ସାହୁ, ପର୍ଶୁରାମ ବାରିକ, ଶଙ୍କର୍ଷଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ସୁବର୍ଣ୍ଣରେଖା ସେତୁରେ ଲାଗିଲା ଉଜ୍ଜ୍ୱଳ ଆଲୋକ

ଜଳେଶ୍ୱର, ୨।୪ (ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଗୁରୁଦାସପୁରଠାରେ ଥିବା ସୁବର୍ଣ୍ଣରେଖା ବିଜୁ ସେତୁ ଉପରେ ସରକାରଙ୍କ ପକ୍ଷରୁ ଆଲୋକୀକରଣର ବ୍ୟବସ୍ଥା କରାଯାଇଛି। ଗୁରୁବାର ସନ୍ଧ୍ୟାରେ ୧୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉଜ୍ଜ୍ୱଳ ଆଲୋକକୁ ବିଧାୟକ ଅଶ୍ୱିନୀ ପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀରାମପୁର ସରପଞ୍ଚ ଆରତୀ ଗିରି ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା ସବିତାରାଣୀ ଦଳେଇ, ଲକ୍ଷ୍ମଣନାଥ ସରପଞ୍ଚ ବବିତା ରାଉତ, ଜିଲାପରିଷଦ ସଦସ୍ୟା ରଙ୍ଗଲତା ଆଚାର୍ଯ୍ୟ, ମାନନୀ ପ୍ରମାଣିକ, ସମିତି ସଦସ୍ୟା ପୁଷ୍ପଲତା ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପାଟଣା,୨।୪(ସ୍ୱ. ପ୍ର.):କେନ୍ଦୁଝର ଜିଲା ପାଟଣା ବ୍ଲକ ଡେଣୁଆଁ ଗ୍ରାମର ମହାନ୍ତ ସାହିରେ ବନ୍ଦ କୋଠରୀରୁ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ନିକୁଞ୍ଜ ବିହାରୀ ମହାନ୍ତ। ସେ ଶୋଇବା ଘର ଭିତରେ ଥିବା ଫ୍ୟାନରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଘଟଣାସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ଏକ ମାମଲା (ନଂ.୧୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ବିକାଶଠୁ ଦୂରରେ ଲବଣତୀର୍ଥ

**■ଏଠାରେ ଆରମ୍ଭ ହୋଇଥିଲା ଲୁଣ ମାରିବା ଅଭିଯାନ**
**■ଭାଙ୍ଗିରୁଜି ଗଲାଣି ବରୁଣତୋଟା ଗାନ୍ଧୀ ପ୍ରତିମୂର୍ତ୍ତି**

ପଦ୍ମପୁର,୨।୪(ଡି.ଏନ.ଏ.)

ସ୍ୱାଧୀନତା ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଦ୍ୱିତୀୟ ଜାଲିଆନାୱାଲାବାଗ ପାଲଟିଥିବା ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଇରମ ଓଡ଼ିଶା ଓ ଭାରତର ଗୌରବ। ଏଥିସହ ଲବଣତୀର୍ଥ ଚୁଡ଼ାମଣି ଓ ବିଦେଇପୁର ପଞ୍ଚାୟତ ଗଦି ଗ୍ରାମର ସଂଗ୍ରାମୀମାନେ ଇଂରେଜମାନଙ୍କୁ ବିରୋଧ କରି ଲୁଣ ମାରି ସେମାନଙ୍କ ଦ୍ୱାରା ନିର୍ଯାତିତ ହୋଇଥିଲେ। ସମଗ୍ର ଜାତି ଓ ଦେଶକୁ ଗୌରବାନ୍ୱିତ କରିଥିବା କ୍ଷେତ୍ର ଏବଂ ଶହୀଦମାନଙ୍କ ପ୍ରତି କାହାରି ଆନ୍ତରିକତା ଥିବା ଭଳି ମନେହେଉ ନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ବିଦେଇପୁର ପଞ୍ଚାୟତର ବରୁଣତୋଟା। ଲବଣତୀର୍ଥର ଏହି ସ୍ମାରକୀ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ଏହାର ବିକାଶ ଦିଗରେ ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି।

ବରୁଣତୋଟା, ଯେଉଁଠାରେ ମହାତ୍ମା ଗାନ୍ଧୀଙ୍କ ଦାଣ୍ଡିଯାତ୍ରାର ପଦାନୁସରଣ କରି ଲୁଣ ମାରିବା ଅଭିଯାନ ଆରମ୍ଭ ହୋଇଥିଲା। ୧୯୩୦ରେ ଚୁଡ଼ାମଣି ଓ ବରୁଣତୋଟାରେ ଲୁଣମରା ହେଉଥିଲା। ଏହି ଅଞ୍ଚଳ ବହୁ ସଂଖ୍ୟାରେ ବରୁଣ ଗଛରେ ପରିପୂର୍ଣ୍ଣ ଥିବାବେଳେ ନିଛାଟିଆ ଯୋଗୁ ସତ୍ୟାଗ୍ରହୀମାନେ ଏଠାରେ ଲୁଣ ମାରୁଥିଲେ। ଯେଉଁଥିପାଇଁ ଏଠାରେ ଏକ ବିରାଟ ଚୁଲା କରାଯାଇଥିଲା। ଯାହାର ସ୍ମାରକୀ ସ୍ୱରୂପ ଏକ ପ୍ରସ୍ଥର ନିର୍ମିତ ଚୁଲି ନିର୍ମିତ ହୋଇଛି। ୨୦୦୬ରେ ଲବଣତୀର୍ଥ ସ୍ମାରକୀ ଗୃହ ସ୍ଥାପନ କରାଯାଇଥିଲା। ସେଠାରେ ଗାନ୍ଧିଜୀଙ୍କର ଏକ ପ୍ରତିମୂର୍ତ୍ତି ମଧ୍ୟ ସ୍ଥାପନ ହୋଇଛି। ହେଲେ ଦୀର୍ଘଦିନ ଧରି ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ଗାନ୍ଧୀ ପ୍ରତିମୂର୍ତ୍ତି ମଧ୍ୟ ଭାଙ୍ଗିରୁଜି ଗଲାଣି। ଯାହା ଏହି ପବିତ୍ର ତୀର୍ଥ ପ୍ରତି ଅପମାନ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଏହି କ୍ଷେତ୍ରର ବିକାଶ ତ ଦୂରର କଥା ସାମାନ୍ୟ ମରାମତି ପାଇଁ ମଧ୍ୟ କେହି ଦୃଷ୍ଟି ଦେଉ ନ ଥିବା କୁହାଯାଉଛି। ଏ ସମ୍ପର୍କରେ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, ଉକ୍ତ କ୍ଷେତ୍ରର ବିକାଶ ପାଇଁ ପଦକ୍ଷେପ ନିଆଯିବ। ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଏହାର ବିକାଶ ସହ ପର୍ଯ୍ୟଟନ ସ୍ଥଳ ଭାବେ ପରିଣତ କରାଯିବ। ଏଥିପାଇଁ ସମସ୍ତ ସରକାରୀ ସହାୟତା ପ୍ରଦାନ କରାଯିବ। ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତଙ୍କୁ ପଚାରିବାରୁ ଲବଣତୀର୍ଥ ବରୁଣତୋଟାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଜିଲାପାଳଙ୍କ ସହ ଆଲୋଚନା କରି ରାଜ୍ୟ ସଂସ୍କୃତି ବିଭାଗକୁ ପ୍ରସ୍ତାବ ପଠାଯିବ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ବରୁଣତୋଟାରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ଓ ଲୁଣମରା ଚୁଲା।

## ଆତଙ୍କ ଖେଳାଇଲେ ୨୨ ହାତୀ

**ବନ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ**

ଜଳେଶ୍ୱର, ୨।୪ (ଡି.ଏନ.ଏ.)

ଗତ ୩ ଦିନ ଧରି ବାଲେଶ୍ୱର, ମୟୂରଭଞ୍ଜ, ପଶ୍ଚିମବଙ୍ଗର ମେଦିନୀପୁର ଜିଲା ସୀମାରେ ୨୨ଟିକିଆ ହାତୀପଲ ଆତଙ୍କ ଖେଳାଇ ଚାଲିଛନ୍ତି। ଲୁହାପଡା ଜଙ୍ଗଲକୁ ହାତୀମାନେ ଏକପ୍ରକାର ଆଶ୍ରୟସ୍ଥଳ କରିଥିବାରୁ ପଶ୍ଚିମବଙ୍ଗ କିମ୍ବା ମୟୂରଭଞ୍ଜ ଗଲାବେଳେ ସେଠାରେ ଅବସ୍ଥାନ କରି ନିକଟସ୍ଥ ଗ୍ରାମରେ କ୍ଷୟକ୍ଷତି କରୁଛନ୍ତି । ଏଥିରେ ଉତ୍ୟକ୍ତ ହୋଇ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ବନକର୍ମଚାରୀଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିବା ରାଇବଣିଆ ଥାନା କୁଶଗଡ ଫାଣ୍ଡିରେ ଅଭିଯୋଗ ହୋଇଛି।

ବୁଧବାର ଏକ ଦନ୍ତା ଟ୍ରେଞ୍ଚ ପାରି ହେଉଥିବା ଖବରପାଇ ଭାରପ୍ରାପ୍ତ ଫରେଷ୍ଟର ଦୁଷ୍ମନ୍ତ ଜେନା ଅନ୍ୟ କର୍ମଚାରୀଙ୍କ ସହ ବରଡିହାର ଦୁଧିଆଶୋଳଠାରେ ପହଞ୍ଚିଥିଲେ । ହାତୀ କ୍ଷୟକ୍ଷତିରେ ଅତିଷ୍ଠ ହୋଇ ଗାଁର ଶକ୍ତିପଦ ବେରା, ଇନ୍ଦୁ ମହାକୁଡ, ସୁଶୀଳ ମହାକୁଡ ପ୍ରମୁଖ ବନକର୍ମଚାରୀଙ୍କୁ ଆକ୍ରମଣ କରିଥିବା ପୋଲିସ ଫାଣ୍ଡିରେ ଅଭିଯୋଗ ହୋଇଛି । ଆକ୍ରମଣରେ ଫରେଷ୍ଟର ଦୁଷ୍ମନ୍ତ ଜେନା, ଅମରେଶ ଦାସ, ଜଗନ୍ନାଥ ପାତ୍ର, ଜନାର୍ଦ୍ଦନ ପାଳ ଆହତ ହୋଇଛନ୍ତି। ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ବନ କର୍ମଚାରୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ବାଇକ୍ ଧକ୍କାରେ ନାବାଳକ ମୃତ

ରାଇରଙ୍ଗପୁର, ୨।୪ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ତିରିଙ୍ଗ ଥାନା ମଲ୍ଲିକେଡ଼ମ ଗ୍ରାମର ପଙ୍କଜ ପାତ୍ର ନାମକ ନାବାଳକ ବାଇକ୍ ଧକ୍କାରେ ପ୍ରାଣ ହରାଇଛନ୍ତି। ଗୁରୁବାର ସନ୍ଧ୍ୟାରେ ସେ ଶୌଚ ପାଇଁ ଯାଇଥିବାବେଳେ ଏକ ବାଇକ୍ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଝରାଡିହିସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ ପରେ ଶୁକ୍ରବାର ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏନେଇ ଏକ ମାମଲା (ନଂ.୨୮/୨୦୨୧)ରୁଜୁ କରିଛି।

## ୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭଦ୍ରକ ଅଫିସ, ୨।୪

ଭଦ୍ରକ ଟାଉନ ପୋଲିସ ଶୁକ୍ରବାର ପୂର୍ବାହ୍ନରେ ମୋଟେଲ ଛକ ନିକଟରୁ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୧୪ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ସେ ହେଲେ ଧୂଷୁରୀ ଥାନା ଅଧୀନ ବାଲିପାଟଣା ଗାଁର ପ୍ରଦୀପ କୁମାର ମହାନ୍ତି (ଟୁଲୁ)। ସେ ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ଭଦ୍ରକରେ ବ୍ୟବସାୟ କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଟାଉନ ପୋଲିସ ମୋଟେଲ ଛକ ନିକଟରୁ ତାଙ୍କୁ କାବୁ କରି କୋର୍ଟ ଚାଲାଣ କରିଛି। ତାଙ୍କ ପାଖରୁ ଦୁଇଟି ମୋବାଇଲ ଫୋନ ଓ ଏକ ବାଇକ୍ ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ଏସ୍‌ଡିପିଓ ସାର୍ଥକ ରାୟ ସୂଚନା ଦେଇଛନ୍ତି। ଏ ନେଇ ଟାଉନ ଥାନାରେ ମାମଲା (ନଂ.୧୪୭/୨୧) ରୁଜୁ ହୋଇଛି।

ସୂଚନା ଥାଉକି, ଗତ ବୁଧବାର ୩୩୦ ଗ୍ରାମର ବ୍ରାଉନସୁଗାର ନେଇ ଯାଉଥିବା ବେଳେ ବାସୁଦେବପୁର କୁସୁଣିବିନ୍ଧାର ମନୋରଞ୍ଜନ ମଲିକଙ୍କୁ କାରମେଲ ସ୍କୁଲ ନିକଟରୁ ପୁରୁଣାବଜାର ପୋଲିସ ଗିରଫ କରିଥିଲା। ଏଭଳି ବାରମ୍ବାର ଭଦ୍ରକ ଅଞ୍ଚଳରୁ ବ୍ରାଉନସୁଗାର ଜବତ ହେବା ଘଟଣା ସହରରେ ନିଶା କାରବାରର ଗଭୀରତାକୁ ପ୍ରମାଣିତ କରୁଛି ବୋଲି ଚର୍ଚ୍ଚା ହେଉଛି।

## ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ ରାସ୍ତାରୋକୋ




ସିପିଏମ୍ ନୀଳଗିରି ଆଞ୍ଚଳିକ କମିଟି ତରଫରୁ ରାସ୍ତାରୋକୋ କରାଯାଇଛି।

ସଜନାଗଡ଼, ୨।୪(ଡି.ଏନ.ଏ.)

ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ ସିପିଆଇ(ଏମ୍) ନୀଳଗିରି ଆଞ୍ଚଳିକ କମିଟି ତରଫରୁ ନୀଳଗିରି ବାଇପାସ୍ ଛକରେ ଶୁକ୍ରବାର ରାସ୍ତାରୋକୋ କରାଯାଇଥିଲା। ଏଥିରେ ଜିଲା ସମ୍ପାଦକ ମଣ୍ଡଳ ସଭ୍ୟ ବିଜୟ ପାତ୍ର ଯୋଗଦେଇ ସରକାର ବାରମ୍ବାର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରୁଛନ୍ତି। ଦୁଇମାସ ପୂର୍ବେ ୟୁନିଟ୍ ପିଛା ୨୦ପଇସା ବୃଦ୍ଧି ହୋଇଥିବା ବେଳେ ଆସନ୍ତା ଏପ୍ରିଲ ୪ ତାରିଖରୁ ପୁଣି ୟୁନିଟ୍ ପିଛା ୩୦ପଇସା ବୃଦ୍ଧି ହେବା ପାଇଁ ସ୍ଥିର ହୋଇଛି। କରୋନା ସମୟରେ ଲୋକମାନେ କର୍ମସଂସ୍ଥାନ ହରାଇଥିବା ବେଳେ ଲୋକଙ୍କର ରୋଜଗାର କମିଛି। ଏପରିସ୍ଥଳେ ବର୍ତ୍ତମାନ ବିଦ୍ୟୁତ୍ ଶୁଳ୍କ ବଢ଼ାଇବା ସରକାରଙ୍କ ଭୁଲ୍ ପଦକ୍ଷେପ ବୋଲି ପାତ୍ର ଥିଲେ। ରାସ୍ତାରୋକୋରେ ଯୋଗାନନ୍ଦ ଦାସ, କାଳିଆ ପାତ୍ର, କୁନା ପାତ୍ର, ହେମେନ୍ଦ୍ର ସେଠୀ, ମିତାରାଣୀ ପରିଚ୍ଛା, ଅନ୍ନପୂର୍ଣ୍ଣା ମଳିକ, କରୁଣାକର ବାରିକ ପ୍ରମୁଖ ସାମିଲ ଥିଲେ।

## ଛାତ୍ରୀଙ୍କୁ ଘରେ ରଖି ନିର୍ଯାତନା ଘଟଣା ଶିକ୍ଷୟିତ୍ରୀଙ୍କ ନାଁରେ ମାମଲା

ବାସୁଦେବପୁର,୨।୪(ଡି.ଏନ.ଏ.)

ପାଠ ପଢ଼ାଇବା ଆଳରେ ଛାତ୍ରୀ ତଥା ଦୁଇଭଉଣୀଙ୍କୁ ଘରେ ରଖି ନିର୍ଯାତନା ଦେବା ଘଟଣାରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଢୁଆଁ ନୋଡାଲ ୟୁପିଏମ୍‌ଇ ସ୍କୁଲର ଶିକ୍ଷୟିତ୍ରୀ ପ୍ରଭାତୀ ମହାପାତ୍ରଙ୍କ ନାଁରେ ଥାନାରେ ମାମଲା ରୁଜୁ ହୋଇଛି। ଅଢୁଆଁ ଗ୍ରାମର ସୁଲୋଚନା ମଲିକଙ୍କ ଅଭିଯୋଗ ଆଧାରରେ ବାସୁଦେବପୁର ଥାନା ପୋଲିସ ଗୁରୁବାର ମାମଲା (ନଂ.୧୦୫/୨୧) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଘରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଦୁଇ ଛାତ୍ରୀଙ୍କୁ ନିଜ ଘରେ ରଖି ପାଠ ପଢ଼ାଇବାର ପ୍ରତିଶ୍ରୁତି ଦେଇଥିଲେ ଶିକ୍ଷୟିତ୍ରୀ ମହାପାତ୍ର। କିନ୍ତୁ ସେ ପାଠପଢ଼ାରେ ଅବହେଳା କରି ନିର୍ଯାତନା ଦେଉଥିଲେ ବୋଲି ଛାତ୍ରୀଦ୍ୱୟଙ୍କ ମା' ସୁଲୋଚନା ଅଭିଯୋଗ କରିଥିଲେ। ବିଇଓ ଜଗବନ୍ଧୁ ସାହୁ ମଧ୍ୟ ଘଟଣାର ଅନୁଧ୍ୟାନ ସହିତ ପ୍ରାଥମିକ ତଦନ୍ତ କରିସାରିଛନ୍ତି।

## ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ

ସୋର, ୨।୪(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ବେଲପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଯିବା ରାସ୍ତାରେ ବିପଦସଙ୍କୁଳ ଅବସ୍ଥାରେ ଏକ ବିଦ୍ୟୁତ ଖୁଣ୍ଟ ରହିଛି। ଏହି ରାସ୍ତା ପାଖର ପଞ୍ଚାୟତ ଅଧୀନରେ ଥିବାରୁ ଏହାର ଉନ୍ନତୀକରଣ ପାଖର ପଞ୍ଚାୟତ ତତ୍ତ୍ୱାବଧାନରେ କରାଯାଉଛି। ହେଲେ ରାସ୍ତା ମଝିରେ ଥିବା ବିଦ୍ୟୁତ ଖୁଣ୍ଟ ବାଧକ ସାଜିଛି। ଏହି ଖୁଣ୍ଟର ସ୍ଥାନାନ୍ତର ନିମନ୍ତେ ପାଖର ସରପଞ୍ଚ ତ୍ରିଲୋଚନ ପାଣିଗ୍ରାହୀ ନେସ୍କୋ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତାରୁ ତାହା ସ୍ଥାନାନ୍ତରିତ ହୋଇପାରୁନାହିଁ। ଫଳରେ ବିଦ୍ୟାଳୟକୁ ଯାଉଥିବା ପିଲାମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି।

ଉକ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ହାଟସାହି, ବେଲପୁର ଆଦି ଗ୍ରାମ ସମେତ ପଡ଼ୋଶୀ ୩ରୁ ୪ଟି ଗ୍ରାମର ପିଲାମାନେ ପାଠ ପଢୁଛନ୍ତି। ରାସ୍ତା ମଝିରେ ବିପଦସଙ୍କୁଳ ବିଦ୍ୟୁତଖୁଣ୍ଟରୁ ତାର ଓହଳି ରହିଥିବାରୁ ଅଭିଭାବକମାନେ ପିଲାଙ୍କୁ ଛାଡିବାକୁ ଅମଙ୍ଗ ହେଉଛନ୍ତି।



## ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ଝୁମ୍ପୁରା, ୨।୪ (ଡି.ଏନ.ଏ.)

କେନ୍ଦୁଝର ଜିଲା, ଝୁମ୍ପୁରା ବ୍ଲକରେ କ୍ଷୁଦ୍ରଜଳସେଚନ ବିଭାଗ ଦ୍ୱାରା ଜିଲା ଖଣିଜ ପାଣ୍ଠିରୁ ବ୍ୟୟ ବରାଦ କରାଯାଇ କେନାଲ ମରାମତି, ବନ୍ଧ, ଡ୍ୟାମର ଉନ୍ନତି କରଣ ପାଇଁ କୋଟି କୋଟି ଟଙ୍କାର ଟେଣ୍ଡର ଦିଆଯାଉଛି। କିନ୍ତୁ କାମ ଗୁଡ଼ିକ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାମ ଚାଲିଥିବାବେଳେ ବିଭାଗର ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହୁନାହାନ୍ତି। ଝୁମ୍ପୁରା ବ୍ଲକ ଅନ୍ତର୍ଗତ ମଲଦା ଗ୍ରାମର ଏକ ପାର୍ଶ୍ୱରେ ରହିଛି ଜଗଦଳା ଜଳ ସେଚନ ପ୍ରକଳ୍ପ, ଏହି ପ୍ରକଳ୍ପରୁ ମଲଦା ପଞ୍ଚାୟତ ଓ ସଦର ବ୍ଲକର କଣ୍ଡରାପଶି ପଞ୍ଚାୟତର ଚାଷୀ ଜଳସେଚନରୁ ଉପକୃତ ହୋଇଥାନ୍ତି। ଜଗଦଳା ଡ୍ୟାମର ରିଜର୍ଭର, ଟନେଲ, ମୁଖ୍ୟ କେନାଲର ମରାମତି ପାଇଁ ଜିଲା ଖଣିଜ ପାଣ୍ଠିରୁ ୨୦୧୭-୧୮ ଆର୍ଥିକ ବର୍ଷରେ ୩ କୋଟି ୩୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଛି। କାମ କରିବାର ଅବଧି ସୂଚନା ଫଳକରେ ଶେଷ ହୋଇଥିଲେ ହେଁ, କାମ କରାଯାଇ ନ ଥିବା ନେଇ ଗତ ଫେବୃୟାରୀ ମାସରେ 'ଧରିତ୍ରୀ'ରେ ପ୍ରକାଶ ହୋଇଥିଲା। ୨ମାସ ପରେ ଏବେ ଜଗଦଳା ଡ୍ୟାମକୁ ସଂଯୋଗ କରୁଥିବା ମୁଖ୍ୟ କେନାଲର ନିର୍ମାଣ କାମ ଆରମ୍ଭ ହୋଇଛି। ମୁଖ୍ୟ କେନାଲର ୨ପାର୍ଶ୍ୱରେ ବେଡ ଉପରେ ୧ମିଟର ଉଚ୍ଚର ଢଳେଇ ଗାର୍ଡୱାଲ ନିର୍ମାଣ ହେଉଥିବାବେଳେ, ଢଳେଇ କାମରେ ପଙ୍କ କାଦୁଅ ମିଶା ବାଲି ବ୍ୟବହାର କରାଯାଉଥିବା ମଲଦା ଗ୍ରାମର ସୁରେଶ ବାରିକ, ଜଗଦଳା ଆଦିବାସୀ ବସ୍ତିର ବସନ୍ତ ହାସଦା, ଗୁରା ମାଝୀ, ଲୋଚନ ମାଝୀ ପ୍ରମୁଖ କ୍ଷୁଦ୍ର ଜଳସେଚନ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଡି. ପ୍ରଧାନ କହିଛନ୍ତି, କେନାଲ କାମର ଯାଞ୍ଚ ସମୟ ସମୟରେ ହେଉଛି। ଆଉ କଣ ହୋଇଛି ସେଠାକୁ ଗଲେ ଜଣାପଡ଼ିବ।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

କୁଆମରା, ୨।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ଘଣ୍ଟଶୀଳା ଗ୍ରାମର ଜଣେ ବିବାହିତା ମହିଳା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଧାନି ଟୁଡୁ। କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗିବାରୁ ସେ ଘରେ ଥିବା କୀଟନାଶକ ପିଇଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ଡାକ୍ତରଖାନା ନିଆଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଖୁଣ୍ଟା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବାସହ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୧) ରୁଜୁ କରି ବ୍ୟବଚ୍ଛେଦ କରାଇଛି।

## ଜଙ୍ଗଲୀ ଜୀବଜନ୍ତୁ ଚଳପ୍ରଚଳରେ ବିପଦ

**ସରୁନି ଆନିମଲ ଅଣ୍ଡରପାସ୍ କାମ**

କେନ୍ଦୁଝର, ୨।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ୨୦ର ପାଣିକୋଇଲିଠାରୁ ରିମୁଳି ପର୍ଯ୍ୟନ୍ତ ଅନେକ ସ୍ଥାନରେ ସଂରକ୍ଷିତ ଜଙ୍ଗଲ ରହିଛି। ଏହି ଜଙ୍ଗଲଗୁଡିକରେ ଐତିହ୍ୟ ପ୍ରାଣୀ ହାତୀ ସାଙ୍ଗକୁ ଅନ୍ୟାନ୍ୟ ଜୀବଜନ୍ତୁ ବସବାସ କରୁଛନ୍ତି। ସଂରକ୍ଷିତ ଜଙ୍ଗଲ ମଧ୍ୟ ଦେଇ ୨୦ ନଂ ଜାତୀୟ ରାଜପଥଟି ଯାଇଥିବାରୁ ଜୀବଜନ୍ତୁଙ୍କ ଅବାଧ ଚଳପ୍ରଚଳ ପାଇଁ ଅନେକ ସ୍ଥାନରେ ଅଣ୍ଡରପାସ ତିଆରି ହେବା ଯୋଜନା ରହିଥିଲା। କିନ୍ତୁ ରାସ୍ତା ନିର୍ମାଣ ସମୟରେ ଏହାକୁ ଉପେକ୍ଷା କରି ଅଣ୍ଡରପାସ ଗୁଡିକୁ ଖଣ୍ଡିଆ କରି ପକାଇ ଦିଆଯାଇଛି। ତେଣୁ ଦୁର୍ଘଟଣା ଘଟି ଜୀବଜନ୍ତୁ ମାନଙ୍କ ଜୀବନ ଅକାରଣେ ଯାଉଛି। ନରଣପୁର ସଂରକ୍ଷିତ ଜଙ୍ଗଲରେ ଗୋପାଳପୁର ପୂର୍ବରୁ ନିର୍ମାଣଧିନ ଅଣ୍ଡରପାସର କାମ ସରିଥିଲେ ମଧ୍ୟ ଜୀବଜନ୍ତୁ ଗମନାଗମନ ସୁଗମ ନଥିବାରୁ ରାସ୍ତାର ଏକ ପାର୍ଶ୍ୱରେ ଥିବା ଜଙ୍ଗଲରୁ ଅନ୍ୟ ପାଖ ଜଙ୍ଗଲକୁ ଯିବା ଆସିବାରେ ଜନ୍ତୁମାନେ ଅସୁବିଧା ଭୋଗୁଛନ୍ତି। ତେଣୁ ଟ୍ରକ ଆଗରେ ପଡି ଜନ୍ତୁମାନେ ଜୀବନ ହାରିବା ଭଳି ପରିସ୍ଥିତି ଉପୁଜୁଛି। ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟାରେ ହାତୀ ରହିଥିବା କାରଣରୁ ପିପିଲିଆ ଠାକୁରାଣୀ ଶାଳ ନିକଟରେ ୧୫ଫୁଟ ଉଚ୍ଚତାର ଏକ ଏଲିଫ୍ୟାଣ୍ଟ ଅଣ୍ଡରପାସ କାମ ଆରମ୍ଭ ହୋଇଥିଲା। ମାତ୍ର ଏହି କାମ ଅସମ୍ପୂର୍ଣ୍ଣ ହୋଇ ପଡିଛି। ଫଳରେ ହାତୀମାନେ ଅନେକ ସମୟରେ ବିପଦସଙ୍କୁଳ ଅବସ୍ଥାରେ ରାସ୍ତା ପାର ହେଉଛନ୍ତି। ଟ୍ରକ୍‌ଗୁଡିକ ସହ ଅନେକ ସମୟରେ ହାତୀମାନେ ମୁହାଁମୁହିଁ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଗାଡିମୋଟରର କ୍ଷୀପ୍ର ଆଲୋକ ସାଙ୍ଗକୁ ଉଚ୍ଚଶବ୍ଦରେ ହର୍ନ ହାତୀଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ବିଶେଷ କରି ଛୁଆ ହାତୀଙ୍କ ପାଇଁ ଉଚ୍ଚଶବ୍ଦର ହର୍ଣ୍ଣ ଓ ଆଲୋକ କ୍ଷତିକାରକ ବୋଲି କୁହାଯାଉଛି।




## ଚୋରା କାଠ ଜବତ, ୨ ଗିରଫ

ଠାକୁରମୁଣ୍ଡା, ୨।୪ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ କେନ୍ଦୁମୁଣ୍ଡି ବନ୍ୟ ପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ କମ୍ପାର୍ଟମେଣ୍ଟ ନମ୍ବର ୪ର କେନ୍ଦୁବାଙ୍କ ନିକଟରେ ଗୁରୁବାର ଶାଳ ଚୌକାଠ ନେଇ ଯାଉଥିବା ୨ଯୁବକଙ୍କୁ ବନବିଭାଗ ଗିରଫ କରିବା ସହ ବ୍ୟବହୃତ ବାଇକ୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଦୁବରାଜ ପିଙ୍ଗୁଆ ଓ ରାଜେନ୍ଦ୍ର ପିଙ୍ଗୁଆ। ତେବେ ଅନ୍ୟ ୨ଯୁବକ ବନକର୍ମଚାରୀଙ୍କୁ ଦେଖି ଖସି ପଳାଇବାକୁ ସକ୍ଷମ ହୋଇଛନ୍ତି। ସହକାରୀ ବନ ସଂରକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ, କେନ୍ଦୁମୁଣ୍ଡି ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ରମେଶ ଚନ୍ଦ୍ର ମାରାଣ୍ଡିଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ।

## ପାଠପଢ଼ା ବୟସରେ ପରିବାର ଚିନ୍ତା

ସିମୁଳିଆ, ୨।୪(ଡି.ଏନ.ଏ.)

ଯେଉଁ ବୟସରେ ପାଠ ପଢାପଢି ସହ ସାଙ୍ଗସାଥୀମାନଙ୍କ ସହ ଦିନ କାଟିବା କଥା, ତାହା ବଦଳରେ ଘାରିଛି ପରିବାର ବୋଝ। ତଥାପି ଭାଙ୍ଗି ନ ପଡି ଭବିଷ୍ୟତରେ ନିଜେ କିଛି କରିବା ସହ ଭଉଣୀଭାଇଙ୍କ ମଣିଷ କରିବାକୁ ଦୃଢ ନିଷ୍ପତ୍ତି ନେଇଛନ୍ତି ସ୍ୱର୍ଣ୍ଣଲତା ଯେନା। ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତର ମାର୍କୋଣା ଅଞ୍ଚଳରେ । ଯୁକ୍ତ ୩ରେ ପଢୁଥିବା ସ୍ୱର୍ଣ୍ଣଲତା ଜଣେ ଶିକ୍ଷୟିତ୍ରୀ ହେବାକୁ ଲକ୍ଷ୍ୟ ରଖିଛନ୍ତି। ସ୍ୱର୍ଣ୍ଣଲତାଙ୍କ ବାପା ଘନଶ୍ୟାମ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ଗତ ଫେବୃୟାରୀରେ ମୃତ୍ୟୁବରଣ କରିବା ହେବା ପରେ ପରିବାରର ଗୁରୁ ଦାୟିତ୍ୱ ତାଙ୍କ ମୁଣ୍ଡ ଉପରେ ରହିଛି । ତାଙ୍କ ସାନ ଭଉଣୀ ଶକୁନ୍ତଳା ଏବେ ସ୍ଥାନୀୟ ହାଇସ୍କୁଲରେ ନବମ ଶ୍ରେଣୀରେ ଓ ତାଙ୍କ ସାନ ଭାଇ ସର୍ବେଶ୍ୱର ଷଷ୍ଠ ଶ୍ରେଣୀରେ ପଢୁଛନ୍ତି ।

ଘନଶ୍ୟାମ ଚେନ୍ନାଇରେ ଏକ ହୋଟେଲରେ ରୋଷେୟା ଭାବେ କାମ କରୁଥିଲେ। ଶରୀର ଅସୁସ୍ଥ ହେବା ପରେ ସେ ଅକ୍ଟୋବରରେ ଘରକୁ ଫେରିଆସିଥିଲେ। ପରେ ତାଙ୍କୁ ଯକ୍ଷ୍ମା ହୋଇଥିବା ଜଣାପଡିଥିଲା । ରୋଜଗାରିଆ ସ୍ୱାମୀଙ୍କୁ ହରାଇବା ପରେ ସ୍ୱର୍ଣ୍ଣଲତାଙ୍କ ମା' ଜୟନ୍ତୀ କେମିତି ଘର ଚଳାଇବେ ସେହି ଚିନ୍ତାରେ ବ୍ୟସ୍ତବିବ୍ରତ ହୋଇପଡିଥିଲେ। ସ୍ୱର୍ଣ୍ଣଲତା ନିଜ ମା'ଙ୍କୁ ସାହସ ଦେବା ସହିତ ନିଜ ପାଠପଢ଼ା, ଭଉଣୀ ଓ ଭାଇଙ୍କ ପାଠପଢ଼ା ପାଇଁ ସେ ଟ୍ୟୁଶନ ଆରମ୍ଭ କରିଛନ୍ତି । ଏଥିରୁ ତାଙ୍କର ମାସିକ ୮ଶହ ଟଙ୍କା ରୋଜଗାର ହେଉଛି। ତେବେ ସମସ୍ତ ଦାୟିତ୍ୱ ତୁଲାଇବା ପାଇଁ ସେ ଅଣ୍ଟା ଭିଡ଼ିଛନ୍ତି । ତାଙ୍କ ପରିବାରକୁ ସହଯୋଗର ହାତ ବଢ଼ାଇଲେ ସେ ଉପକୃତ ହୋଇପାରନ୍ତେ ବୋଲି ଆଶା ବ୍ୟକ୍ତ କରିଛନ୍ତି। ।



ନିଜ ଘରେ ଟ୍ୟୁଶନ କରୁଛନ୍ତି ସ୍ୱର୍ଣ୍ଣଲତା।

